# ‘ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଭାରତରେ ନିର୍ମାଣ ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ’

## ଆଇଆଇପିଏମ୍‌ରେ ରୌପ୍ୟ ଜୟନ୍ତୀ ଉତ୍ସବ

ରାଉରକେଲା, ୨୪/୧୦(ଭମିସ): ଆମେରିକାରେ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ଏବେ ସାରା ବିଶ୍ୱକୁ କବଳିତ କରିଥିଲେ ମଧ୍ୟ ଭାରତରେ ନିର୍ମାଣ ଶିଳ୍ପ (ମେନୁଫେକଚରିଂ ଇଣ୍ଡଷ୍ଟ୍ରି)ର ଭବିଷ୍ୟତ ଉଜ୍ଜ୍ୱଳ। କାରଣ ଏହା ବିଶ୍ୱବଜାର ଅପେକ୍ଷା ମୁଖ୍ୟତଃ ଘରୋଇ ବଜାର ଉପରେ ନିର୍ଭରଶୀଳ। ତେଣୁ ବୈଷୟିକ ଓ ମ୍ୟାନେଜମେଣ୍ଟ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନେ ଏଥିରେ ହତାଶ ହେବାର କିଛି ନାହିଁ ବୋଲି ଆଜି କାଂଶବାହାଲ ସ୍ଥିତ ଆଇଆଇପିଏମ୍‌ର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଇସିଆଇସିଆଇର ପରିଚାଳନା ନିର୍ଦ୍ଦେଶକ ଡ.ଦେବାଶିଷ ସେନଗୁପ୍ତ ଏପରେ ପ୍ରକାଶ କରିଛନ୍ତି।

ଆଜି ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ, ଏହି ରୌପ୍ୟ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଡ.ସେନଗୁପ୍ତ କହିଲେ ଯେ ସାମ୍ପ୍ରତି ବିଶ୍ୱରେ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥାକୁ ଦୂର କରିବା ପାଇଁ ବିଭିନ୍ନ ଦେଶର ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଭାରତୀୟ ଅର୍ଥନୀତି ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ଆମେରିକା ତୁଳନାରେ ଭାରତର ସ୍ଥିତି ଏତେ ଖରାପ ହୋଇ ନାହିଁ। ସମସ୍ତେ ଏହାକୁ ନେଇ ଚିନ୍ତିତ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଘରୋଇ କମ୍ପାନି ଏହାର ଉତ୍ପାଦନ କମାଇ ନାହାନ୍ତି। ତେଣୁ ଘରୋଇ ନିର୍ମାଣ ଶିଳ୍ପରେ ଯଦି ଗତି ଜାରି ରହିଲେ ଏହି ଆର୍ଥିକ ସଙ୍କଟରୁ ଦେଶକୁ ଉଦ୍ଧାର କରିହେବ। ଏହି ପରିପ୍ରେକ୍ଷୀରେ ଏମ୍‌ବିଏ ଓ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ସେମାନଙ୍କ ଭବିଷ୍ୟତକୁ ନେଇ ବେଶି ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ସେ ଦୋହରାଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଟାଟା ଷ୍ଟିଲ୍ ପରିଚାଳନା ନିର୍ଦ୍ଦେଶକଙ୍କ ଉପଦେଷ୍ଟା ଦୀପଙ୍କର ସେନଗୁପ୍ତ କହିଲେ ଯେ ୨୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ଏଭଳି ଏକ ମହାନ ଶିକ୍ଷାନୁଷ୍ଠାନ ତିଆରି କରିବା ପଛରେ ଅନେକ ପିଢ଼ିର ଲୋକଙ୍କ ଅବଦାନ ଥାଏ। ତେଣୁ ବର୍ତ୍ତମାନ ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ସେମାନେ ଏହି ପରମ୍ପରାକୁ ଆଗେଇ ନେବା ସହ ନୂତନ ପରମ୍ପରା ସୃଷ୍ଟି କରିବା ଦରକାର। ସେହିପରି ବିଶ୍ୱ ବଜାରରେ ଆର୍ଥିକ ମାନ୍ଦାବସ୍ଥା କେତେକ କ୍ଷେତ୍ରରେ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ଉଲ୍ଲେଖ କରି ସେ ଏହାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥି କାଂଶବାହାଲ ଏଲ୍‌ଏଣ୍ଡ୍‌ଟିର ଉପାଧ୍ୟକ୍ଷ ଏ.ପି.ମିଶ୍ର କହିଲେ ଯେ ଅର୍ଜିତ ଜ୍ଞାନକୁ ବିତରଣ କରିବା ମଣିଷର ଧର୍ମ। ଏହି ଧର୍ମକୁ ପାଳନ କରିବାକୁ ଯାଇ ଆଇଆଇପିଏମ୍ ବୈଷୟିକ ଶିକ୍ଷା ପ୍ରଦାନ ସହିତ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଟ୍ରେନିଂ ଓ କୌଣସି ସମସ୍ୟା ଉପୁଜିଲେ ଏହାର ସମାଧାନ ପାଇଁ ପରାମର୍ଶ ଦେବା ଭଳି ୩ଟି କାର୍ଯ୍ୟ ଦୀର୍ଘ ୨୫ ବର୍ଷ ଧରି ସୁଚାରୁ ରୂପେ ସମ୍ପାଦନ କରି ଆସୁଛି। ପ୍ରାରମ୍ଭରେ ଅନୁଷ୍ଠାନର ଉପନିର୍ଦ୍ଦେଶକ ଡ.ମିହିର ନାୟକ ସ୍ୱାଗତ ଭାଷଣ ଦେଇ ୧୯୮୩ରୁ ଆରମ୍ଭ ହୋଇଥିବା ଆଇଆଇପିଏମ୍ ଆଜି ସୁଦ୍ଧା ପ୍ରାୟ ୪ ହଜାର ଜଣାକିର ୨୫ ହଜାର ଭାରତୀୟ ଓ ୧୩୦୦ ବିଦେଶୀ ଶିକ୍ଷାନବୀଶଙ୍କୁ ତାଲିମ ଦେଇ ସାରିଲାଣି। ନିକଟରେ ଏଠାରେ ଖୋଲିଥିବା ଏମ୍‌ବିଏ ଓ ଦୁଇଟି ବୈଷୟିକ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ମଧ୍ୟ ବେଶ୍ ସଫଳ ହୋଇଛି ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠାନର ଏକ ସ୍ମରଣିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଟ୍ରେନର୍ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଟ୍ରେନିଂ ଓ ପ୍ରଶାସନ ବିଭାଗର ମୁଖ୍ୟ ଆର.ଏନ୍.ପାଲ ଧନ୍ୟବାଦ ଅର୍ପଣ କରିଥିଲେ।